# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 July - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଭିତର ରତ୍ନଭଣ୍ଡାର ଆସନ୍ତା ଗୁରୁବାର ଦିନ ପୁଣିଥରେ ଖୋଲିବା ପାଇଁ ତଦାରଖ କମିଟିର ନିଷ୍ପତ୍ତି
- ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ପୁରୀରେ ଶ୍ରଦ୍ଧାଳୁଙ୍କର ଭିଡ଼

– ଆସନ୍ତାକାଲି ସୁନାବେଶ

- ଜେନେରିକ ଔଷଧ ପ୍ରସ୍ତୁତି ଏବଂ ବିକ୍ରୟ ଉପରେ କେନ୍ଦ୍ର ସରକାରଙ୍କ ଗୁରୁତ୍ୱାରୋପ

– ରାଜ୍ୟର ଜନଔଷଧୀ କେନ୍ଦ୍ର ସଂଖ୍ୟା ଗତ ମାର୍ଚ୍ଚ ସୁଦ୍ଧା ୫ ଶହ ୫୫କୁ ବୃଦ୍ଧି

- ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରକାଶ ପାଇବ ତୃତୀୟ ପର୍ଯ୍ୟାୟ ମେଧାତାଲିକା

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷାର ସମ୍ଭାବନା

***Puri***

## ପୁରୀ-ରତ୍ନଭଣ୍ଡାର

ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଭିତର ରତ୍ନଭଣ୍ଡାର ଆସନ୍ତା ଗୁରୁବାର ଦିନ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ସମୟ ନିର୍ଘଣ୍ଟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପଦକ୍ଷେପ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ମହାପ୍ରଭୁଙ୍କର ଅଧରପଣା ନୀତି ସେହି ଦିନ ରଥ ଉପରେ ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସକାଳ ୮ଟାରୁ ଏହି କଟକଣା ଲଗାଯିବ ବୋଲି ସ୍ଥିର କରାଯାଇଛି । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ କମିଟିର ସଦସ୍ୟଗଣ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି...

**- V/O -**

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରର ଗତ ରବିବାର ଦିନ ତାଲା ଭଙ୍ଗାଯାଇ ନୂତନ ତାଲା ପକାଯାଇଥିଲା । ଏହି ତାଲାର ଦୁଇଟି ଯାକ ନୂତନ ଚାବିକୁ ଟ୍ରେଜେରୀରେ ସଂରକ୍ଷିତ କରି ରଖାଯାଇଛି ।

***HS***

## ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି । ଶୃଙ୍ଖଳିତ ଦର୍ଶନ ଲାଗି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି । ରଥାରୂଢ଼ ଠାକୁରଙ୍କର ଆସନ୍ତାକାଲି ସୁନାବେଶ ଏବଂ ଗୁରୁବାର ଦିନ ଅଧରପଣା ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି । ଠାକୁରଙ୍କର ନିଳାଦ୍ରୀବିଜେ ଶୁକବ୍ରାର ଦିନ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସୁନାବେଶ ଏବଂ ଅଧରପଣା ନୀତି ଲାଗି ଶ୍ରଦ୍ଧାଳୁଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି । ନିୟମିତ ଟ୍ରେନ୍ ଚଳଚଳକୁ ଛାଡ଼ି ଆସନ୍ତାକାଲି ସୁନାବେଶ ପାଇଁ ସ୍ୱତନ୍ତ୍ର ଭାବେ ୪୩ଟି

ଏବଂ ଗୁରୁବାର ଅଧରପଣା ନୀତି ପାଇଁ ୩୩ଟି ଅତିରିକ୍ତ ଟ୍ରେନ୍ ଚଳାଚଳ କରିବ। ଏହି ଟ୍ରେନ୍‌ଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ପଡ଼ୋଶୀ ରାଜ୍ୟରୁ ପୁରୀକୁ ଚଳାଚଳ କରିବ। ଟ୍ରେନ୍ ଚଳାଚଳକୁ ସୁଗମ କରିବା ଏବଂ ଯାତ୍ରୀଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ଲକ୍ଷ୍ୟରେ ରେଳବାଇ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ମଧ୍ୟ ଖୋଲାଯାଇଥିବା ଜଣାପଡ଼ିଛି।

***HS***

## ରଥ ଚଢ଼ିବା ନେଇ ଏତଲା

କଟକଣା ଉଲ୍ଲଙ୍ଘନ କରି ପୁରୀ ଶ୍ରୀକ୍ଷେତ୍ରରେ ରଥରେ ଚଢ଼ିବା ଘଟଣାରେ ଦୁଇଜଣ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦାୟର କରାଯାଇଛି। ଏ ସଂକ୍ରାନ୍ତ ଫଟୋ ଏବଂ ଭିଡିଓ ତଥ୍ୟକୁ ଥାନାକୁ ହସ୍ତାନ୍ତର କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Desk***

## ଜନଔଷଧୀ କେନ୍ଦ୍ର

ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସହଜ ଉପଲବ୍ଧ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଜେନେରିକ୍ ଔଷଧ ପ୍ରସ୍ତୁତି ଏବଂ ବିକ୍ରୟ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ଚାହିଦା ମଧ୍ୟ ବୃଦ୍ଧି ପାଉଥିବା ଜଣାପଡ଼ିଛି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୨୨ ଆର୍ଥିକ ବର୍ଷ ଅପେକ୍ଷା ଗତ ଆର୍ଥିକ ବର୍ଷରେ ଜେନେରିକ୍ ଔଷଧ କାରବାର ଯଥେଷ୍ଟ ବୃଦ୍ଧି ପାଇଥିଲା। ଡାକ୍ତରଖାନାରେ ଆଡମିଟ୍ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ଆସନ୍ତା ୨୦୨୫ ସୁଦ୍ଧା ଜେନେରିକ୍ ଔଷଧ ଯୋଗାଣ ଅଧିକ ସୁଗମ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ରାଜ୍ୟରେ ଏହି ଔଷଧ ବିକ୍ରୟ ଲାଗି ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ସ୍ଥାପନ ମଧ୍ୟ ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଓଡ଼ିଶାରେ ଗତ ୪୨୫ଟି ଜନଔଷଧୀ କେନ୍ଦ୍ର ଥିବାବେଳେ ଗତ ମାର୍ଚ୍ଚ ସୁଦ୍ଧା ଏହା ୫୫୫କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ କଟକରେ ସବୁଠାରୁ ଅଧିକ ୧୧୦ଟି କେନ୍ଦ୍ର ଖୋଲା ଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସମଗ୍ର ଦେଶରେ ବର୍ତ୍ତମାନ ସୁଦ୍ଧା ୧୨ ହଜାର ୭୮୧ଟି ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର କାର୍ଯ୍ୟ କରୁଥିବା ଜଣାପଡ଼ିଛି।

***Desk***

## ଯୁକ୍ତ ୩– ମେଧାତାଲିକା ପ୍ରକାଶ

ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ଅପରାହ୍ଣରେ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ। ରାଜ୍ୟର ୧ ହଜାର ୫୬ଟି ସ୍ନାତକ ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୧ ଲକ୍ଷ ୨୦ ହଜାର ୮୮୫ଟି ସିଟ୍ ପୂରଣ ହୋଇସାରିଛି। ଏବେ ମଧ୍ୟ ୧ ଲକ୍ଷ ୫୩ ହଜାର ୨୬୬ଟି ସିଟ୍

ଖାଲି ପଡ଼ିଥିବା ଜଣାପଡ଼ିଛି। ତୃତୀୟ ପର୍ଯ୍ୟାୟ ମେଧାତାଲିକାରେ ମନୋନୀତ ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ପ୍ରକ୍ରିୟା ଆସନ୍ତା ଗୁରୁବାର ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ତ୍ୱରିତ ତଥା ସପ୍ଲିମେଣ୍ଟାରୀ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବା ପରେ ଚତୁର୍ଥ ପର୍ଯ୍ୟାୟ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

***HS***

## ବିଜେପି କାର୍ଯ୍ୟକାରିଣୀ ବୈଠକ

ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଏହି ବୈଠକରେ ଯୋଗଦେବେ ବୋଲି ରାଜ୍ୟ ଶାଖା ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ବୈଠକରେ ଭବିଷ୍ୟତ ରଣନୀତି ଏବଂ କାର୍ଯ୍ୟପନ୍ଥା ପ୍ରସ୍ତୁତି ନେଇ ଆଲୋଚନା ହେବ।

***HS***

## ବନ ମହୋତ୍ସବ କାର୍ଯ୍ୟକ୍ରମ

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବଲାଙ୍ଗୀର ଜିଲ୍ଲା ଲୋଇସିଂଘାରେ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୭୫ତମ ବନ ମହୋତ୍ସବ ପାଳନ ଅବସରରେ ଲୋଇସିଂଘା ହରେକୃଷ୍ଣ ମହତାବ

ହାଇସ୍କୁଲ ପରିସର ଏବଂ ବୁଢ଼ିପଦର ଖେଳପଡ଼ିଆଠାରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା "ମା' ପାଇଁ ଗଛଟିଏ" ଅଭିଯାନରେ ସାମିଲ ହେବାକୁ ଶ୍ରୀ ମହାଲିଙ୍ଗ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

***HS***

## ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରର ଚିନ୍ତାମଣିଶ୍ୱେରଠାରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଅୟୋଜିତ ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ସେଠାକାର ବରିଷ୍ଠ ନାଗରିକଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିଛନ୍ତି। ସେ କହିଛନ୍ତି, ରାଜଧାନୀର ଡ୍ରେନେଜ ବ୍ୟବସ୍ଥାର ଭିତ୍ତିଭୂମିକୁ ଖୁବ୍‌ଶୀଘ୍ର ଅଧିକ ସୁସଂହତ କରିବା ଲାଗି ପଦକ୍ଷେପ ନିଆଯିବ। ନିକୋପାର୍କର ପୁନରୁଦ୍ଧାର କରାଯିବା ସହ ନଳାପାଣି ଯୋଗୁଁ ଦୂଷିତ ହେଉଥିବା ଦୟା ଏବଂ ଗଙ୍ଗୁଆ ନଦୀର ପାଣିକୁ ଶୁଦ୍ଧ କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

***Nayagarh***

## ନିଶାସେବନ ବିରୋଧରେ ସଚେତନତା

ନିଶାସେବନ ବିରୋଧରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ନୟାଗଡ଼ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି । ସ୍ୱେଚ୍ଛାସେବୀ ସଂଗଠନ 'ମା' ଫାଉଣ୍ଡେସନ୍' ଏବଂ 'ବାଣୀଧାରା' ପକ୍ଷରୁ ଗତକାଲି ବାହୁଡ଼ା ଯାତ୍ରା ଅବସରରେ ରଥଦାଣ୍ଡରେ ଜନସାଧାରଣଙ୍କୁ ବେଆଇନ ନିଶାଦ୍ରବ୍ୟ କାରବାର ଏବଂ ନିଶାସେବନର କୁପ୍ରଭାବ ଉପରେ ସଚେତନ କରାଯାଇଥିଲା । ଏହି ଅବସରରେ ନୟାଗଡ଼ଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସମେତ ବହୁ ସମାଜସେବୀ, ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ ।

***HS***

## ରାଜ୍ୟସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ- ବିଜେଡି ସମର୍ଥନ

ରାଜ୍ୟ ସ୍ୱାର୍ଥ ବିରୋଧୀ ତଥା ରାଜ୍ୟବାସୀଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି କରୁଥିବା ଜଳସେଚନ ପ୍ରକଳ୍ପଗୁଡ଼ିକୁ ବିରୋଧ କରାଯିବା ସଂକ୍ରାନ୍ତ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ବିଜେଡି ସ୍ୱାଗତ କରିଛି । ଦଳର ବରିଷ୍ଠ ନେତା ଅମର ଶତପଥୀ କହିଛନ୍ତି, ଆନ୍ତଃରାଜ୍ୟ ଜଳ ବିବାଦ ଏକ ବଡ଼ ସମସ୍ୟା ହୋଇ ରହିଛି । ତେବେ ରାଜ୍ୟବାସୀଙ୍କ ସ୍ୱାର୍ଥବିରୋଧୀ ଜଳସେଚନ ପ୍ରକଳ୍ପଗୁଡ଼ିକୁ ପ୍ରତିରୋଧ କରିବା ଉଚିତ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ବିବାଦ

ସମ୍ବନ୍ଧୀୟ ଜଳସେଚନ ପ୍ରକଳ୍ପ ସମୀକ୍ଷା ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତାଙ୍କ ଦଳ ସମର୍ଥନ କରେ ବୋଲି ସେ କହିଛନ୍ତି।

***Desk***

## ଖଣି ନିଲାମ

ଅନୁଗୁଳ ଜିଲ୍ଲାର ତିନୋଟି ଖଣି ପାଇଁ କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୋଇଲା ଖଣି ବିକାଶ ଏବଂ ଉତ୍ପାଦନ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଖଣିଗୁଡ଼ିକ ହେଲା ମାଛକଟା କୋଇଲା ଖଣି, କୁଡ଼ାନାଳି ଲୁବ୍ରି କୋଇଲା ଖଣି ଏବଂ ସାକ୍ଷୀଗୋପାଳ-ବି କାକୁରୀ କୋଇଲା ଖଣି। ଏହି ସବୁ ଖଣିକୁ ଏନ୍.ଏଲ୍.ସି. ଇଣ୍ଡିଆ ଲିମିଟେଡ୍, ଗୁଜୁରାଟ୍ ଖଣିଜବିକାଶ ନିଗମ ଲିମିଟେଡ୍, ତାମିଲନାଡୁ ଉତ୍ପାଦନ ଏବଂ ବିତରଣ ନିଗମ ଲିମିଟେଡ୍ ନିଲାମ ନେଇଛନ୍ତି। ଏହି ଚୁକ୍ତିନାମା ଅନୁଯାୟୀ, ଖଣି ପରିଚାଳନା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ମଧ୍ୟ ତ୍ୱରାନ୍ୱିତ ହେବ। ଏହି ଖଣିଗୁଡ଼ିକରୁ ବାର୍ଷିକ ୨ ହଜାର ୯୯୧ କୋଟି ଟଙ୍କା ରାଜସ୍ୱ ଆଦାୟର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ୪୦ ହଜାରରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

***Desk***

# ପାଣିପାଗ

ଉତ୍ତର-ପଶ୍ଚିମ ଓ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ତେବେ ଆସନ୍ତା ଶୁକ୍ରବାର ସୁଦ୍ଧା  ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନୟାଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************